# ଜାଗିଉଠ

## ଗୋବିନ୍ଦ ଚନ୍ଦ୍ର ଶତପଥି

ଜାଗି ଉଠିବାରେ ଓଡ଼ିଶା ଜନତା
କେତେତୁ ଶୋଇବୁ ଭୁଲି ଗତକଥା
ନହେଜୁଛୁ ବାରେ କାର ତୁ ଦାୟାଦ
ସେ ନିମନ୍ତେତୋର ନ ଆସଇ ଖେଦ ?
ଭୁଲିଛୁ ତୁମାଟି ଭାଷାର ମମତା
ଯେଉଁମାତୃ ଭାଷା ଅଟେ ତୋର ମାତା ?
ସେହି ଭାଷାପାଇଁ ତୋର ପୂର୍ବସୁରୀ
ଦେଇଥିଲେ ରାତି ଦିନ ଏକକରି ।
ସେହି ଉତ୍କଳରେ ଲଭିତୁ ଜନମ
ବିନିମନ୍ତେ ସହୁ ଭାଷାର କଷଣ ?
ତୋର ମାତୃଭାଷା ତୋ ମାଟି ଛାତିରେ
ଅବହେଳିତା ଏ ସ୍ୱାଧିନ ଦେଶରେ ।
ଫକୀରମୋହନ ଗଉରା ଶଙ୍କର,
ସାଥେ ଧରି ରାଧାନାଥ କବିବର,
ପାରଳାର ରାଜା, ମଧୁ ବାରିଷ୍ଟର
ଗୋପବନ୍ଧୁ ସାଥେ କେତେ ସୁରବୀର
ଭାଷାର ସୁରକ୍ଷା ପାଇଁ ଲଢ଼ି ଲଢ଼ି
ଶେଷେ ଏ ଓଡ଼ିଶା ରାଜ୍ୟ ଥିଲେ ଗଢ଼ି ।
ସେହି ଭାଷା ଆଜି ହୋଇଛି ବିପନ୍ନ
ସ୍ୱାଧିନ ଦେଶରେ କେତେ ହିନିମାନ ?
ଜାଗ୍ରତ ହୁଅ ଆସ ଝଣ୍ଡା ଧରି
ଓଡ଼ିଆ ଭାଷାକୁ ଋଦ୍ଧିମନ୍ତ କରି
ମାତୃଭାଷା ଆନ୍ଦୋଳନ ଯଜ୍ଞେ ଝାସ
ଦେଇ ରଖିବାରେ ତାର ଟେକ ଯଶ ।
ଲେଖିବା ଓଡ଼ିଆ କହିବା ଓଡ଼ିଆ
ଶାସନ କାଳରେ କରିବାରେ ଠିଆ ।
ତେବେ ଏ ଜୀବନ ହୋଇବ ସାର୍ଥକ
ଲଭି ଆତ୍ମ ତୃପ୍ତି ଯିବା ପରଲୋକ ।

କରୁଣାଳୟ, ୪୪୦୬, ମହତାବ ମାର୍ଗ, ଭୁବନେଶ୍ୱର
ମୋ: ୯୯୩୮୦୯୪୨୪୦